# Akashvani, Sambalpur

## SAMBALPURI NEWS EVENING BULLETIN

## 2 July 2025- 7.02 pm- 7.12 pm.

***********************************************

୧- ଶ୍ରୀକ୍ଷେତ୍ର ପୁରୀ ନ ଜନ୍ମ ବେଦୀନୁ ରତ୍ନବେଦୀକେ ଫିର୍‌ବାର୍ ଲାଗି ଆଜ୍ଞାମାଳ ବିଜେ ଉତ୍‌ରୁ ଦକ୍ଷିଣ ମୋଡ଼୍ ନଉଛନ୍ ତିନ୍‌ହି ରଥ ।

୨- ରଥଯାତ୍ରା ଦଲାଚକ୍‌ଟା ଘଟ୍‌ନାର୍ ତଦନ୍ତ୍ ଲାଗି ଆଉ ଗୁଟେ ୪ ଝନିଆ କମିଟି ଗଠନ୍ କଲେ ରାଜ୍ୟ ସର୍‌କାର୍ ।

୩- ରାଜ୍ୟର୍ ୫ ଲାଖ୍ ଚିଟ୍‌ଫଣ୍ଡ୍ କ୍ଷତିଗ୍ରସ୍ତଙ୍କୁ ଆଏବା ୪ ମାସ୍ ଭିତ୍‌ରେ ଟଙ୍କା ଫିରାବାର୍‌କେ ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ।

ଆଉର୍

୪- ଲଘୁଚାପ୍‌ର ବଲେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଲାଗି ରହିଛେ ଝଁକେର୍ ।

ରଥ ଦକ୍ଷିଣ ମୋଡ଼୍        ପୁରୀ ସମ୍ବାଦଦାତା

ଜନ୍ମବେଦୀ ଶ୍ରୀ ଗୁଣ୍ଡିଚା ମନ୍ଦିର୍ ନ ମାହାପୁରୁମାନ୍‌କର୍ ସରି ସରି ଆସୁଛେ ମାନବୀୟ ଲୀଳା । ଆଏବା ୫ ତାରିଖ୍

ହେବାର୍‌କେ ଥିବା ବାହୁଡ଼ା ଯାତ୍ରା ଲାଗି ତୟାରି ମୁଲ୍ ହେଇଯାଇଛେ । ପରମ୍ପରା ଅନ୍‌ସାରେ ହେରା ପଂଚ୍‌ମୀର୍ ଆରଦିନ ଆଏଜ୍ ତିନ୍‌ହି ରଥକେ ଦକ୍ଷିଣ ମୋଡ଼୍ କରାଯାଉଛେ । ମା ମହାଲକ୍ଷ୍ମୀଙ୍କର୍ ଅଭିମାନ୍ ରକ୍ଷା କରିକରି ଆଏଜ୍ ସକାଳ ଧୂପ ସର୍‌ଲା ଉତ୍‌ରୁ ମାହାପ୍ରଭୁ ଶ୍ରୀଜଗନ୍ନାଥ ରଥମାନ୍‌କୁ ଦକ୍ଷିଣ ମୋଡ଼୍ କର୍‌ବାର୍ ଲାଗି ଆଜ୍ଞାମାଳ ଆସିଥିଲା । ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଆଏଜ୍ ସବୁନୀତିକାନ୍ତି ସହେତେ ସକାଳଧୂପ ସର୍‌ଲା ଉତ୍‌ରୁ ଘଂଟଘଂଟା, କାହାଳି, ଛତ୍ରୀ, ପଟୁଆର୍‌ଥି ତିନ୍‌ହି ବାଡ଼୍‌ନୁ ୩ ଝନ୍ ପୂଜା ପଣ୍ଡା ସାମନ୍ତ ଆଜ୍ଞାମାଳ ଧରିକରି ତିନ୍‌ହି ରଥକେ ବିଜେ କରିଥିଲେ । ପହେଲା ରଥର ବ୍ରେକ୍ ଆର୍ ଦଉଡ଼ି ସଂଯୋଗ୍ କରାଯାଇକରି ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ରଥକେ ଦକ୍ଷିଣମୋଡ଼୍ କରାଯାଇଥିଲା । ତାର୍ ଉତ୍‌ରୁ ଶ୍ରୀବଳଭଦ୍ରଙ୍କର୍ ତାଳଧ୍ୱଜ ରଥକେ ଦକ୍ଷିଣ ମୋଡ଼୍ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥ ଦକ୍ଷିଣମୋଡ଼୍ କରାଯିବାର୍ ନୀତି ଇହାଦେ ଚାଲିଛେ । ରଥର୍ ଦକ୍ଷିଣ ମୋଡ଼୍ ସମିଆଥି ରସି ଘିଚ୍‌ବାର୍ ଲାଗି ଭକ୍ତଙ୍କର୍ ଜବର୍ ଭିଡ଼୍ ଲାଗି ରହିଛେ ।

ପୁରୀ ଦଲାଚକ୍‌ଟା ଘଟ୍‌ନା            ଭୁବନେଶ୍ୱର୍ ସମ୍ବାଦଦାତା

ରଥଯାତ୍ରା ଦଲାଚକ୍‌ଟା ଘଟ୍‌ନାର୍ ତଦନ୍ତ୍ ଲାଗି ରାଜ୍ୟ ସର୍‌କାର୍ ୪ ଝନିଆ କମିଟି ଗଠନ୍ କରିଛନ୍ । ଇ କମିଟି ୪ ଝନ୍ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନେଇକରି ବନାହେଇଛେ । କମିଟି ଘଟ୍‌ନାର୍ ତଦନ୍ତ୍ କରୁଥିବା ଉନ୍ନୟନ୍ କମିଶନର୍ ଅନୁ ଗର୍ଗଙ୍କୁ ତଦନ୍ତ କାମେ ସାହାଜ୍ କର୍‌ବା । ସେଆଡ଼େ ଘଟ୍‌ନାଥି ଜୀବନ୍ ଯାଇଥିବା ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଇଲାକାର୍ ଝନେ ମହିଲାଙ୍କର୍ ପରିବାର୍ ଲୁକ୍‌କୁ ୨୫ ଲାଖ୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ଦିଆଯାଇଛେ । ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଇ ସାହାଜ୍ ଟଙ୍କା ଦେଇଛନ୍ ।

ଚିଟ୍‌ଫଣ୍ଡ୍- ଟଙ୍କା ଫେରସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଚିଟ୍‌ଫଣ୍ଡ୍ ଦୁର୍ନୀତିଥି ନୁକ୍‌ସାନ୍ ସହିଥିବା ୫ ଲାଖ୍ ଜମାକାରୀଙ୍କୁ ଆଏବା ୩ ନୁ ୪ ମାସ୍ ଭିତ୍‌ରେ ଭର୍‌ନା ଟଙ୍କା ଦେବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟର୍ ସୂଚ୍‌ନା ଅନ୍‌ସାରେ ଚିଟ୍‌ଫଣ୍ଡ୍ ନୁକ୍‌ସାନ୍ ସହିଥିବା ଛୋଟ୍ ଛୋଟ୍ ଜମାକାରୀମାନ୍‌କୁ ଭର୍‌ନା ଦେବାର୍ ପ୍ରକ୍ରିୟା ଚାଲିଛେ । ଗଲା ବଛ୍‌ରେ ଭିତ୍‌ରେ ୧ ଲାଖ୍ ୨୬ ହଜାର୍ ଶହେ ୩୭ ଝନ୍‌କୁ ୪୭ କୋଟି ୭ ଲାଖ୍ ଟଙ୍କା ଫିରାଯାଇଛେ ।

ତେଲେଙ୍ଗାନା- କେମିକାଲ୍ ଫେକ୍ଟ୍ରି ବିସ୍ଫୋରଣ୍

ଆର୍ଏନ୍ୟୁ/ ସମ୍ବଲପୁର/ଏକ୍ସ

ତେଲେଙ୍ଗାନା ନ କେମିକାଲ୍ ଫେକ୍ଟ୍ରି ବିସ୍ଫୋରଣ୍ ଘଟ୍ନାଥି ୩୫ ନୁ ଅଏତ୍କା ଶ୍ରମିକଙ୍କର୍ ଜୀବନ୍ ଯାଇଛେ । ମୃତକ୍ମାନ୍କର୍ ଭିତ୍ରେ ୪ ଝନ୍ ଓଡ଼ିଆ ଶ୍ରମିକ୍ ରହିଥିବାର୍ ଜନାପଡ଼ିଛେ । ଘଟ୍ନାଥି ଆଉ ୪ ଝନ୍ ଓଡ଼ିଆ ଶ୍ରମିକ ଜବର୍ ଜଖମ୍ ହେଇଥିଲା ବେଲ୍କେ ୫ ଝନ୍ ନିଖୋଜ୍ ଥିବାର୍ ଓଡ଼ିଶା ପରିବାର୍ ନିର୍ଦ୍ଦେଶାଳୟ ତର୍ଫୁ ସୂଚ୍ନା ଦିଆଯାଇଛେ । ଶ୍ରମିକମାନ୍କର୍ ମୃତ ଦିହିକେ ସେମାନ୍କର୍ ଜନ୍ମମାଟିକେ ଫିରେଇ ଅନାଯାଉଥିଲା ବେଲ୍କେ ନିର୍ଦ୍ଦେଶାଳୟର୍ ଅଧିକାରୀମାନେ ତେଲେଙ୍ଗାନା ଯାଇକରି ଆହତ୍ ଓଡ଼ିଆ ଶ୍ରମିକ୍ମାନ୍କୁ ଭେଟିଛନ୍ ।

କୋଭିଡ୍ -୧୯ ଟୀକା ଏନ୍ଏସ୍ଡି

ଭାରତୀୟ ଚିକିତ୍ସା ଅନୁସନ୍ଧାନ୍ ପରିଷଦ୍ -ଆଇ.ସି.ଏମ୍.ଆର୍ ଆଉ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍ - ଏମ୍ସ ତର୍ଫୁ କରାଯାଇଥିବା ଅଧ୍ୟୟନ୍ନୁ କୋଭିଡ୍-୧୯ ଟୀକା ସୁରକ୍ଷିତ୍ ଆଉ ପ୍ରଭାବଶାଳୀ ଆଏ ବଲି ଜନାପଡ଼ିଛେ । ଇ ଟୀକାର୍ କିଛି ପାର୍ଶ୍ୱପ୍ରତିକ୍ରିୟା ନାଇଁନ ବଲି କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର୍

ମନ୍ତ୍ରଣାଳୟ ତରଫ୍ରୁ କୁହାଯାଇଛେ । ୧୮ ନୁ ୪୫ ବଛର୍ ବୟସର୍ ଯୁଆନ୍ ବର୍ଗଙ୍କର୍ କ୍ଷେତ୍ରଥି ଦେଖାଦଉଥିବା ହୃଦ୍‌ଘାତ ମୃତ୍ୟୁର୍ କାରଣ୍ ବାବ୍‌ଦେ ଜାନ୍‌ବାର୍‌କେ ଆଇ.ସି.ଏମ୍.ଆର୍ ଆଉ ଏନ୍.ସି.ଡି.ସି. ମିଶିକରି କାମ୍ କରୁଛନ୍ । ଇ ଦିଗେ ଇହାଦେ ୨ ଟା ଗବେଷଣା ଚାଲିଛେ । ଗୁଟେ ଗବେଷଣା ଆଘର୍ ଆଧାରିତ୍ ତଥ୍ୟ ଉପ୍‌ରେ କରାଯାଉଥିଲା ବେଲ୍‌କେ ଆଉ ଗୁଟେ ତହାଲ୍ ଠୋଲ୍ ହେଇଥିବା ତଥ୍ୟ ଉପ୍‌ରେ କରାଯାଉଛେ । ପହେଲା ଅଧ୍ୟୟନ୍‌ର ଫଲାଫଲ୍‌ନୁ କୋଭିଡ୍- ୧୯ ଟୀକାକରଣ୍ ଆଉ ବୟସ୍କ ମାନ୍‌କର୍ ମୃତ୍ୟୁର୍ କେନ୍‌ସି ସମ୍ପର୍କ ନାଇଁଥିବାର୍ ଜନାପଡ଼ିଛେ ।

ପ୍ରଧାନ୍‌ମନ୍ତ୍ରୀ -ଡିଜିଟାଲ୍ ଇଣ୍ଡିଆ ଆର୍‌ଏନ୍‌ୟୁ/ କଟକ୍

ସମାଜ୍‌କେ ପରିବର୍ତ୍ତନ୍ କର୍‌ବାର୍ ମହତ୍ ଉଦ୍ଦେଶ୍ୟ ନେଇକରି କରାଯାଉଥିବା ନୂଆଁ ସୃଜନ୍ ଦୁର୍ବଲ୍ ଶ୍ରେଣୀର୍ ଲୁକ୍‌କୁ ବର୍‌କସ୍ କର୍‌ସି ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ୍ ଲୁକ୍‌କର୍ ଜୀବନ୍‌କେ ବଦ୍‌ଲାସି, ଇ ବିଶ୍ୱାସ୍ ଡିଜିଟାଲ୍ ଇଣ୍ଡିଆକେ ଗୁଟେ ଜନଆନ୍ଦୋଲନ୍ ବନେଇ ଦେଇଛେ ଆଉ ଆତ୍ମନିର୍ଭର୍ ଭାରତ୍ ନିର୍ମାଣ୍‌ର କେନ୍ଦ୍ରବିନ୍ଦୁ ସାଜିଛେ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ

କହିଛନ୍ । ଡିଜିଟାଲ୍ ଇଣ୍ଡିଆ ୧୦ ବଛର୍ ପୁରା କର୍‌ବାର୍ ସହେତେ ଦେଶର୍ ଅର୍ଥନୀତିକେ ସମୃଦ୍ଧ କରିକରି ଲୁକ୍‌କର୍ ଜୀବନ୍‌କେ ବଦ୍‌ଲେଇ ଦେଇଛେ । ଇ ବାବ୍‌ଦେ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍-----------)

*ଡିଜିଟାଲ୍ ଇଣ୍ଡିଆ କାର୍ଯ୍ୟକ୍ରମ୍‌କେ ୧୦ ବଛର୍ ପୁରା ହେଇଛେ । ଇତାର୍ ବିସ୍ତାର୍‌କେ ସାର୍ବଜନୀନ କର୍‌ବାର୍, ସମନ୍ବିତ ଡିଜିଟାଲ୍ ଭିତିଭୂମି ନିର୍ମାଣ ଆଉ ସମ୍‌କର୍ ଲାଗି ସୁଯୋଗ୍ ଆନ୍‌ବାର୍ ଉଦ୍ଦେଶ୍ୟଥି ଇ ମିଶନ୍ ମୁଲ୍ କରାଯାଇଥିଲା । ୨୦୧୪ ମସିହା ବେଲ୍‌କେ ଇଂଟର୍‌ନେଟ୍ ସେବା ସିମିତ ଥିଲା ବେଲ୍‌କେ ଇହାଦେ ଶହେ ୪୦ କୋଟି ଭାରତୀୟଙ୍କର୍ ଜୀବ୍‌ନେ ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲ୍‌ଟି ଯାଇଛେ । ଶାସନ୍‌ନୁ ଶିକ୍ଷା, କାର୍‌ବାର୍ ଆଉ ଉତ୍ପାଦନ୍‌ତକ୍ ସବୁ କ୍ଷେତ୍ରଥି ଡିଜିଟାଲ୍ ଇଣ୍ଡିଆ କାୟା ବିସ୍ତାର୍ କରିସାରିଛେ । ଡିଜିଟାଲ୍ ଇଣ୍ଡିଆର୍ ୧୦ ବଛର୍ ପୂର୍ତି ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଗୁଟେ ବ୍ଲଗ୍‌ଥି କହିଛନ୍, ଭାରତ୍ ଡିଜିଟାଲ୍ ଶାସନ୍ ବ୍ୟବସ୍ଥାନୁ ବିଶ୍ୱ ଡିଜିଟାଲ୍ ନେତୃତ୍ୱ ଆଡ୍‌କେ ଗତି କରୁଛେ । ପ୍ରଯୁକ୍ତି ବିଦ୍ୟା ବେଭାର୍ କର୍‌ବାର୍ କ୍ଷମତା ଉପରେ ଭାରତୀୟଙ୍କର୍ ମାନସିକତା ବଦ୍‌ଲିଛେ । ଦେଶେ ୪୨ ଲାଖ୍ କିଲୋମିଟର୍‌ନୁ ଅଏତ୍‌କା ଅପ୍‌ଟିକାଲ୍ ଫାଇବର୍ କେବୁଲ୍ ବିଛାଯାଇକରି ନିପଟ୍ ମଫସଲ୍ ଇଲାକାକେ ଭିଲ୍ ଇଂଟର୍‌ନେଟ୍*

*ସୁବିଧା ପୁହୁଁଚାଯାଇଛେ । ଭାରତ୍‌ର ଆଧାର୍, କୋଭ୍ହିନ୍, ଡିଜିଲକର୍, ଫାଷ୍ଟଟେଗ୍, ପିଏମ୍ ବାଣୀ ବାଗିର୍ ଡିଜିଟାଲ୍ ସାର୍ବଜନୀନ ଭିତିଭୂମି- ଡି.ଟି.ଆଇ.କେ ଆଏଜ୍ ସାରା ପୁର୍‌ଥିର୍ ଲୁକେ ଅପ୍‌ନାବାର୍‌ଥି ଲାଗିଛନ୍ । କୋଭ୍ହିନ୍ ପ୍ଲାଟ୍‌ଫର୍ମ ୨ ଶହ ୨୦ କୋଟିନୁ ଅଏତ୍‌କା କ୍ୟୁଆର୍ ଯାଂଚ୍ ପ୍ରମାଣ୍‌ପତ୍ର ଦେଇକରି ପୁର୍‌ଥିର୍ ସବୁନୁ ବଡ଼ ଟୀକାକରଣ୍ ଅଭିଯାନ୍‌କେ ସକ୍ଷମ୍ କରିଛେ ।*

*ଡିଜିଲକର୍ ଜରିଏ ଇହାଦେ ୧୪ କୋଟି ଉପଭୋକ୍ତାଙ୍କୁ ସେବା ଦିଆଯାଉଛେ ଆଉ ୭ ଶହ ୭୫ କୋଟି ନୁ ଅଏତ୍‌କା ଡକ୍ୟୁମେଂଟ୍ ପରିଚାଳନା କରାଯାଉଛେ । ଇତାର୍ ସହେତେ ୧ ଲାଖ୍ ୮ ହଜାର୍ ନୁ ଅଏତ୍‌କା ଷ୍ଟାର୍ଟଅପ୍ ସଙ୍ଗେ ଭାରତ୍ - ପୁର୍‌ଥିର୍ ସବୁନୁ ବଡ଼ ୩ ଟା ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍ ଭିତ୍‌ରେ ସାମିଲ୍ ହେଇଛେ । ଆଏବା ଦଶନ୍ଧି ଦେଶେ ଆହୁରି ବଦ୍‌ଲାବ ଆନ୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପ୍ରଧାନ୍ ।*

ସ୍ୱାସ୍ଥ୍ୟମନ୍ତ୍ରୀ- ଦେବ୍‌ଗଡ଼          ଦେବ୍‌ଗଡ଼୍ ସମ୍ବାଦଦାତା

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଏଜ୍ ଦିନ୍‌କିଆ ଦେବ୍‌ଗଡ଼୍ ଜିଲ୍ଲା ଗସ୍ତ କରିକରି ସ୍ୱାସ୍ଥ୍ୟ

ବିଭାଗ୍‌ର କାମ୍ କାଜର୍ ସମୀକ୍ଷା କରିଛନ୍ । ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷଠାନେ ହେଇଥିବା ସମୀକ୍ଷା ବୈଠକ୍‌ଥି ୨୦୨୫ -୨୬ ଆର୍ଥିକ୍ ବଛ୍‌ରେ ଜିଲ୍ଲା ନ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ ବିଭାଗ୍‌ର ସବୁ ଯୋଜ୍‌ନା ବାବ୍‌ଦେ ଆଲୋଚନା କରିଛନ୍ । ସର୍‌କାରୀ କାର୍ଯ୍ୟକ୍ରମ୍ ମାନ୍‌କୁ ଲୁକ୍‌କର୍ ପାଖ୍‌କେ ଠିକ୍ ଭାବେ ପୁହୁଁଚାବାର୍ ସହେତେ ଲୁକ୍‌କୁ ଉଚିତ୍ ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଜିଲ୍ଲାସ୍ତରୀୟ ଅଧିକାରୀମାନେ ସ୍ୱାସ୍ଥ୍ୟ ଭିତିଭୂମିର୍ ବିକାଶ୍ ଲାଗି ଦାବି କରିଥିଲା ବେଲେ ଖୋବ୍ ଜଲ୍‌ଦି ସବୁ ପୂରଣ୍ କରାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ ।

ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଖେଲ୍‌ର ରୋମାଂଚକ୍ ଦୁନିଆକେ ଲୁକ୍‌କର୍ ସାମ୍ନାକେ ଆନୁଥିବା ପେଶାଗତ ସାମ୍ବାଦିକ ମାନ୍‌କୁ ସମ୍ମାନ୍ ଜନାବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ ହେଉଛେ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ୍ । ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରେସ୍ ସଂଗଠନ୍‌ର ୭୦ ବଛର୍ ପୂର୍ତି ଅବ୍‌ସରେ ୧୯୯୪ ମସିହା ଜୁଲାଇ ୨ ତାରିଖ୍ ଦିନ ପହେଲାକରି ବିଶ୍ୱ କ୍ରୀଡ଼ା ସାମ୍ବାଦିକ୍ ଦିବସ୍ ପାଲନ୍ କରାଯାଇଥିଲା । ଇ ବଛର୍ ଇ ଦିନର୍ ବାର୍ତା ହେଉଛେ, ‘ନିରପେକ୍ଷତାର୍ ସମର୍ଥନ୍ଃ ସତ୍ୟନିଷ୍ଠ ଆଉ ପ୍ରଭାବ୍‌ଶାଳୀ ରିପୋର୍ଟିଂ’ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍

ଚରଣ୍ ମାଝୀ କ୍ରୀଡ଼ା ସାମ୍ବାଦିକ୍‌ମାନ୍‌କୁ ଶୁଭେଚ୍ଛା ଜନେଇକରି ସେମାନ୍‌କର୍ କାମ୍‌କେ ପ୍ରଶଂସା କରିଛନ୍ ।

ମସ୍କୋ ଗଲେ ଘୁମୁରା ଦଲ୍            କଲାହାଣ୍ଡି ସମ୍ବାଦଦାତା

ଆଏବା ୫ ନୁ ୧୩ ତାରିଖ୍‌ତକ୍ ଋଷିଆର୍ ମସ୍କୋ ଠାନେ ଭାରତ୍ ଉତ୍ସବ୍ ହେବାର୍‌କେ ଯାଉଛେ । ଇଥି ସାମିଲ୍ ହେବା । କଲାହାଣ୍ଡିର୍ ବୀରବାଦ୍ୟ ଘୁମୁରା ଆର୍ ସିଂହାରୀ ନାଚ୍ । ଇଥିର୍‌ଲାଗି ଭବାନୀପାଟ୍‌ନାର୍ ପ୍ରତିଭା ଅନୁଷ୍ଠାନ୍‌ର ୧୨ ଝନିଆ ସାଂସ୍କୃତିକ୍ ଦଲ୍ ଆଏଜ୍ ମୁମ୍ବାଇ ଯାଇଛନ୍ । ସେଠାନୁ ସେମାନେ ମସ୍କୋ ଯାତ୍ରା କର୍‌ବେ ବଲି ଅନୁଷ୍ଠାନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜୁନିଅର୍ ରେଡ଼କ୍ରସ୍ ପ୍ରଶିକ୍ଷଣ୍          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଲୁଣିବାହାଲ୍ ଠାନେ ଅଣତାଲିମ୍ ପ୍ରାପ୍ତ ଜୁନିଅର୍ ରେଡ଼କ୍ରସ୍ ପରାମର୍ଶଦାତାମାନ୍‌କର୍ ତାଲିମ୍ ଶିବିର୍ ଉଦ୍‌ଘାଟିତ୍ ହେଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍‌ଲାଲ୍ ଦୁବେଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶିବିର୍‌ଥି ମୁଖ୍ୟଅତିଥି ଭାବେ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ । ଇ ଅବ୍‌ସରେ ଅତିଥି

ମାନେ ଗଛ୍ ଜଗାବାର୍ ସହେତେ ରକ୍ତଦାନ୍ ଶିବିର୍ ଉଦ୍‌ଘାଟନ୍ କରିଥିଲେ । ରକ୍ତଦାନ୍ ଶିବିର୍‌ଥି ଶହେ ୭୧ ୟୁନିଟ୍ ରକ୍ତ ସଂଗ୍ରହ ହେଇଥିଲା ।

ଡାଇରିଆ ନିରାକରଣ୍ ସଚେତନତା ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ମିଶନ୍ ଶକ୍ତି ସହାୟକ୍ ଗୋଷ୍ଠୀମାନ୍‌କୁ ନେଇକରି ଡାଇରିଆ ନିରାକରଣ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ ନ ଆଏବା ଦିନେ ଜିଲ୍ଲାର୍ ୪ ଶହ ୪୮ ଟା ଗାଁ ନ ଡାଇରିଆ ନିରାକରଣ୍ କାର୍ଯ୍ୟକ୍ରମ୍ ମାନ୍ କର୍‌ବାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ୍ ୭ ହପ୍ତାତକ୍ ଚାଲ୍‌ବାର୍ ଲାଗି ଧାରିଜ୍ କରାଯାଇଛେ ।

ବୃକ୍ଷରୋପଣ୍ ଅଭିଯାନ ସୁବର୍ଣ୍ଣପୁର୍ ସମ୍ବାଦଦାତା

ବନ ମହୋତ୍ସବ ସପ୍ତାହ ଅବ୍‌ସରେ ସୁବର୍ଣ୍ଣପୁର୍ ବନଖଣ୍ଡ ତର୍‌ଫୁ ଜିଲ୍ଲାର୍ ଅର୍ଜୁନ୍‌ପୁର୍ ସଂରକ୍ଷିତ ଜଙ୍ଗଲ୍‌ର ନଗର୍ ବନ ଠାନେ ବୃକ୍ଷରୋପଣ୍ ଅଭିଯାନ୍ ମୁଲ୍ ହେଇଛେ । ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନ୍ ଲାଲ୍ ଶର୍ମାଙ୍କର୍ ପରିଚାଳନାଥି ଜିଲ୍ଲାପାଲ୍ ଅନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ୍ ନାରାୟଣ୍ ନାଏକ୍ ଆର୍ ଅଲଗା

ଅଧିକାରୀମାନେ ଯୋଗ୍ ଦେଇକରି ଗଛ୍ ଲଗେଇଥିଲେ । ପହେଲା ଖେପେ ଆଏଜ୍ ୨ ହଜାର୍‌ଟା ଗଛ୍ ଜଗାଯାଇଥିଲା । ଇ ଅବ୍‌ସରେ ସଚେତନତା କାର୍ଯ୍ୟକ୍ରମ୍ ଆଉ ଭ୍ରାମ୍ୟମାଣ ଚାରା ବିକ୍ରୟ ଗାଡ଼ିକେ ଜିଲ୍ଲାପାଲ୍ ଶୁଭାରମ୍ଭ କରିଛନ୍ ।

ଜିଲ୍ଲାପାଲ୍- ପୁରୁଣାକଟକ୍ ଡାକ୍ତର୍‌ଖାନା        ବୌଦ୍ଧ

ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ପୁରୁଣାକଟକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକେ ଆଏଜ୍ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ପରିଦର୍ଶନ୍ କରିଛନ୍ । ଡାକ୍ତର୍‌ଖାନା ଭିତିଭୂମି ତଦାରଖ୍ କର୍‌ବାର୍ ସହେତେ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଇତାର୍‌ସହେତେ ଜିଲ୍ଲାପାଲ୍ ଏକ୍ସରେ କୁଠା, ଉଷୋ ବାଂଟ୍‌ବାର୍ କେନ୍ଦ୍ର ଆଉ ରୋଗୀ ଓ୍ୱାର୍ଡ଼ ବୁଲି ଦେଖଥିଲେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହେବାର୍ ସହେତେ ଉତର୍ ଓଡ଼ିଶା ଆଉ ତାର୍ ପାଖାପାଖି ପଶ୍ଚିମବଙ୍ଗ୍- ଉତର୍ ବଙ୍ଗୋପ୍‌ସାଗର୍ ପାଖେ ବନିଥିବା ଲଘୁଚାପ୍ କ୍ଷେତ୍ରର୍ ପ୍ରଭାବ୍‌ଥି ରାଏଜେ ଜବର୍

ବର୍ଷା ଲାଗି ରହିଛେ । ଉପର୍ଫାଲେ ଝଁକେର୍ ଲାଗି ଉତର୍ ଓଡ଼ିଶା ନ ବନ୍ୟା ଥିତି ଦେଖାଦେଇଛେ । ଆଏବା ୨୪ ଘଂଟା ଭିତ୍ରେ ପଶ୍ଚିମ ଓଡ଼ିଶା ସହେତେ ୧୮ ଟା ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି  ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।